## ସଂକ୍ଷେପରେ

### ରତ୍ନମୁଦ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଛେଣ୍ଡିପଦା,୨୯।୫(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ପଞ୍ଚାୟତ ସନ୍ତରାବନ୍ଧ ଗ୍ରାମରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ନିମନ୍ତେ ଗ୍ରାମ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀ ଉପସ୍ଥିତ ରହି ରତ୍ନମୁଦ କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରିବା ସହ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉତ୍ସବରେ ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀ, ସାଧୁ ସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଜୁନ ୨ ତାରିଖରେ ଏହି ରତ୍ନମୁଦ ଉତ୍ସବ କରାଯିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ବୈଠକରେ ଗ୍ରାମ ସମ୍ପାଦକ ଭୂବନ ଗଡତିଆ, ମନ୍ଦିର କମିଟି ସଭାପତି ଜଗବନ୍ଧୁ ପ୍ରଧାନ, ସମ୍ପାଦକ ହରମୋହନ ଗଡତିଆ, ନିରଞ୍ଜନ ସାହୁ, କ୍ଷୀରମୋହନ ପ୍ରଧାନ, ସୁଧାକର ସାହୁ, ରୁଦ୍ରମୋହନ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ ଓ ଅନିରୁଦ୍ଧ ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତ ଗିରଫ

କଣିହାଁ, ୨୯।୫ (ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ସୋମବାର ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତାଳଚେର ଥାନା ହେସମୂଳ ଗ୍ରାମର ବିଶୁ ଗୋଚ୍ଛାୟତ (୩୭)। ପୋଲିସ କହିଛି, ଗହମ ଗ୍ରାମର ଜୟ ନାରାୟଣ ନାଏକ(୪୯) ଗତ ମାର୍ଚ୍ଚ ୧୨ ତାରିଖରେ ପବିତ୍ରନଗରସ୍ଥିତ ଏକ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିବାବେଳେ ବେଳେ ସେଠାରେ ତାଙ୍କର ମୋବାଇଲ ଚୋରି ହୋଇଥିବା ନେଇ ସମଲ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ .୭୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ପର୍ଯ୍ୟାପ୍ତ ନୁହେଁ ପଦକ୍ଷେପ

- ବଇଣ୍ଡା ଫାଣ୍ଡିକୁ ମିଳୁନି ଥାନା ମାନ୍ୟତା
- ୮ ବର୍ଷ ହେଲା ଦାବି ସତ୍ତ୍ୱେ ସୁଫଳ ମିଳୁନାହିଁ
- ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ବଇଣ୍ଡା, ୨୯।୫ (ଡି.ଏନ.ଏ.)


ରାଜପଥ ସମ୍ପ୍ରସାରଣ ଯୋଗୁ ଅଧା ଭଙ୍ଗାଯାଇଥିବା ବଇଣ୍ଡା ଫାଣ୍ଡି।

ସମ୍ପ୍ରସାରଣ ହେଉଛି ଜାତୀୟ ରାଜପଥ। ଗମନାଗମନର ଅଧିକ ସୁବିଧା ଦେଉଛି ରେଳପଥ। ବ୍ୟବସାୟର ବଡ଼ ପେଣ୍ଠସ୍ଥଳୀ ହୋଇଥିବାରୁ ବଇଣ୍ଡା ଛକ ସାଜିଛି ଆଠମଲ୍ଲିକ ଉପଖଣ୍ଡବାସୀଙ୍କ ପ୍ରମୁଖ ଆକର୍ଷଣ। ସେଥିପାଇଁ ଦିନକୁ ଦିନ ପରିବ୍ୟାପ୍ତ ହେଉଛି ବଇଣ୍ଡା ଅଞ୍ଚଳ। ବସବାସ ପାଇଁ ବାହାର ଲୋକ ପସନ୍ଦ କରୁଥିବାରୁ ବଢ଼ି ବଢ଼ି ଚାଲିଛି ଏଠାକାର ଜନସଂଖ୍ୟା। ହେଲେ ବଇଣ୍ଡାର ସୁରକ୍ଷା ନେଇ ସୃଷ୍ଟି ହେଲାଣି ବଡ଼ ପ୍ରଶ୍ନବାଚୀ। କାରଣ ଲୋକ ସଂଖ୍ୟା ଅନୁଯାୟୀ ବଢୁଛି ଯାନବାହନ, ଟ୍ରାଫିକ ଅବ୍ୟବସ୍ଥା। ଅପରାଧ ମଧ୍ୟ ଆଉ ନିୟନ୍ତ୍ରଣରେ ନାହିଁ। କିନ୍ତୁ ଏହାକୁ ରୋକିବା ପାଇଁ ସରକାର ନେଇଥିବା ପଦକ୍ଷେପ ପର୍ଯ୍ୟାପ୍ତ ହେଉନାହିଁ। ୩୦ ବର୍ଷ ତଳେ ସ୍ଥାପନ ହୋଇଥିବା ବଇଣ୍ଡା ଫାଣ୍ଡିକୁ ଥାନା ମାନ୍ୟତା ମିଳୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ଭାବେ ବଇଣ୍ଡା ପରିଚିତ। ୫୫ ନମ୍ବର ଜାତୀୟ ରାଜପଥରେ ଏହି ଛକ ପଡୁଥିବା ବେଳେ ବଇଣ୍ଡାଠାରେ ରେଳ ଷ୍ଟେଶନ ମଧ୍ୟ ରହିଛି। ତେଣୁ ବଇଣ୍ଡା ଅଞ୍ଚଳର ଗୁରୁତ୍ୱ ବଢ଼ି ଚାଲିଛି। ଜନସଂଖ୍ୟାକୁ ଦେଖି ରାଜ୍ୟ ସରକାର ୧୯୯୩ ମସିହାରେ ବଇଣ୍ଡା ଠାରେ ଏକ ଫାଣ୍ଡି ସ୍ଥାପନ କରିଥିଲେ। ଏହି ଫାଣ୍ଡି ଉପରେ ନୁନୁକାପଶି, ଗାଁବଇଣ୍ଡା, ଜାମୁନାଳି ପଞ୍ଚାୟତର ୧୭ଟି ଗ୍ରାମର ୧୫ ହଜାର ଲୋକ ଆଇନଶୃଙ୍ଖଳା ପାଇଁ ନିର୍ଭର କରୁଛନ୍ତି। ସେହିପରି ଜାତୀୟ ରାଜପଥ ସହ ବ୍ୟବସାୟିକ ପେଣ୍ଠସ୍ଥଳ ବଇଣ୍ଡାର ପାରିପାର୍ଶ୍ୱିକ ଅଞ୍ଚଳ ସମ୍ପ୍ରସାରିତ ହୋଇ ଚାଲିଥିବାରୁ ବାହାର ଅଞ୍ଚଳର ଲୋକମାନେ ଏଠାରେ ବସବାସ ଆରମ୍ଭ କଲେଣି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଅନେକ ସମୟରେ ରାଜପଥରେ ଦୁର୍ଘଟଣା ଯୋଗୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଉଛି। ଚୋରା ମଦ କାରବାର ଯୋଗୁ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ତେଣୁ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ୧୫ ବର୍ଷ ହେଲା ଦାବି ହୋଇଆସୁଛି। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଏପରି କି ଫାଣ୍ଡିରେ ଆବଶ୍ୟକ ପୋଲିସ କର୍ମଚାରୀ ନିଯୁକ୍ତି ଦିଆଯାଉ ନାହିଁ। ଜଣେ ଅଧିକାରୀ ଓ ଜଣେ କନଷ୍ଟେବଲରେ ଚାଲିଥିବା ଏହି ଫାଣ୍ଡି କୋଠା ରାଜପଥ ସମ୍ପ୍ରସାରଣ ଯୋଗୁ ଅଧା ଭଙ୍ଗାଯାଇଛି। ଫଳରେ ଆଜବେଷ୍ଟସ ଘୋଡାଇ ଏଠାରେ କାର୍ଯ୍ୟାଳୟ ଚାଲୁରହିଛି। କ୍ଷତିପୂରଣ ଅର୍ଥ ଆସିଥିଲେ ମଧ୍ୟ ନୂତନ ଗୃହ ନିର୍ମାଣ ହୋଇନାହିଁ। ଏଥିସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନ ଥିବା ଯୋଗୁ ସେମାନେ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଠମଲ୍ଲିକ ବ୍ଲକର ପେଡିପଥର, ଛେଣ୍ଡିପଦା ବ୍ଲକର କତଡା, କିଶୋରନଗର ବ୍ଲକର କଣ୍ଢେଇକୋଳିଆ, ଲୁହାମୁଣ୍ଡା ପଞ୍ଚାୟତକୁ ମିଶାଇ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ୨ ମେ ୨୦୧୫, ୧ ଜାନୁୟାରୀ ୨୦୧୯, ୨୨ ଅଗଷ୍ଟ ୨୦୨୧, ୮ ସେପ୍ଟେମ୍ବର ୨୦୨୨ରେ ଜିଲା ଏସ୍‌ପିଙ୍କ ଠାରୁ ଆରମ୍ଭ କରି ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପି, ରାଜ୍ୟ ଗୃହ ସଚିବ, ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ବଇଣ୍ଡା ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଅପରାଧ ନିୟନ୍ତ୍ରଣରେ ସୁବିଧା ହୁଅନ୍ତା



ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବହୁବାର ଅଭିଯୋଗ କରାଯାଇଛି। ଫାଣ୍ଡି ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଛି। କର୍ମଚାରୀ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଥାନାରେ ପରିଣତ ହେଲେ ଆଇନଶୃଙ୍ଖଳା ସହ ଅପରାଧ ନିୟନ୍ତ୍ରଣ ହୋଇପାରିବ।

-ଅରବିନ୍ଦ ସାହୁ, ଉପ ସଭାପତି, ବଇଣ୍ଡା ଗ୍ରାମ

### ଥାନାର ଆବଶ୍ୟକତା ରହିଛି



ବଇଣ୍ଡା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଥାନାର ଆବଶ୍ୟକତା ରହିଛି। ହେଲେ ଦୀର୍ଘବର୍ଷ ହେଲା ଏ ନେଇ ଦାବି କରାଯାଉଥିଲେ ମଧ୍ୟ ସରକାର ପଦକ୍ଷେପ ନେଉନାହାନ୍ତି। ଅଧିକ କର୍ମଚାରୀ ସହ ଅଫିସର ରହିଲେ ଲୋକେ ଠିକଣା ସେବା ପାଇପାରିବେ। ବଇଣ୍ଡା ଫାଣ୍ଡିକୁ ଥାନା ମାନ୍ୟତା ଦେବା ପାଇଁ ପଞ୍ଚାୟତ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି।

-ଦୀପ୍ତିମୟୀ ସାହୁ, ସରପଞ୍ଚ, ନୁନୁକାପଶି

### ସୁରକ୍ଷା ଦେଇପାରୁନି ହଣ୍ଡପା ପୋଲିସ



ବଇଣ୍ଡା ଅଞ୍ଚଳକୁ ସୁରକ୍ଷା ଦେବାରେ ହଣ୍ଡପା ପୋଲିସ ସକ୍ଷମ ହେଉନାହିଁ। ତେଣୁ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରାଯିବା ସହ ଅଧିକ କର୍ମଚାରୀ ଯୋଗାଇ ଦେବା ପାଇଁ ବହୁବାର ରାଜ୍ୟସରକାରଙ୍କୁ ଅବଗତ କରାଯାଇଛି। ତୁରନ୍ତ ଥାନା ସ୍ଥାପନ ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରାଯାଉ।

-ଭଗବାନ ଘିୱାଲା, ନୁନୁକାପଶି

### ପଦକ୍ଷେପ ନେଉନାହାନ୍ତି ସରକାର



ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ବଇଣ୍ଡାର ସ୍ଥାନ ସତନ୍ତ୍ର। ଗମନାଗମନ କ୍ଷେତ୍ରରେ ଅଧିକ ସୁବିଧା ଥିବା ଯୋଗୁ ଏଠାକାର ଲୋକସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ତେଣୁ ସେମାନଙ୍କୁ ସୁରକ୍ଷା ପାଇଁ ଥାନାର ଆବଶ୍ୟକତା ଥିଲେ ମଧ୍ୟ ସରକାର ପଦକ୍ଷେପ ନେଉନାହାନ୍ତି।

-ଘନଶ୍ୟାମ ବେହେରା, ସଭାପତି, ଆଠମଲ୍ଲିକ କ୍ରିମିନାଲ ବାର୍‌

### ସରକାରଙ୍କୁ ଅବଗତ କରାଯାଇଛି



ବଇଣ୍ଡା ଫାଣ୍ଡିକୁ ଥାନା ମାନ୍ୟତା ଦେବା ପାଇଁ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଜରିଆରେ ସରକାରଙ୍କୁ ଅବଗତ କରାଯାଇଛି। ବଇଣ୍ଡାରେ ଥାନାର ଆବଶ୍ୟକତା ରହିଛି। ସରକାର ଯେଉଁ ପଦକ୍ଷେପ ନେବେ ସେହି ଅନୁଯାୟୀ କାର୍ଯ୍ୟ କରାଯିବ।

-ବାଳକୃଷ୍ଣ କଅଁର, ଆଠମଲ୍ଲିକ ଏସ୍‌ଡିପିଓ

## ପୋଲିସର ଦମନଲୀଳାକୁ ନିନ୍ଦା

ଅନୁଗୋଳ ଅଫିସ, ୨୯।୫

ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା କୁସ୍ତିଯୋଦ୍ଧା ଏବଂ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ଦିଲ୍ଲୀ ପୋଲିସର ଦମନଲୀଳାକୁ ଅଲ୍ ଇଣ୍ଡିଆ ଡିୱାଇଓ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ବିନା ସର୍ତ୍ତରେ ସମସ୍ତ ଆନ୍ଦୋଳନକାରୀଙ୍କୁ ଛାଡିବା ଏବଂ ଅଭିଯୁକ୍ତ ଭାଜପା ଏମ୍‌ପି ବ୍ରିଜଭୂଷଣ ସରଣସିଂଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇ ସୋମବାର ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି, ଭାରତୀୟ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଭବନର ନୂତନ ଅଟ୍ଟାଳିକା ଉଦ୍‌ଘାଟନ ହେଉଥିବାବେଳେ ଅଳ୍ପ ଦୂରରେ ଦେଶପାଇଁ ଗୌରବ ଆଣିଥିବା ମହିଳା କୁସ୍ତିଯୋଦ୍ଧାଙ୍କ ଉପରେ ଦିଲ୍ଲୀ ପୋଲିସର ଦମନଲୀଳା ଦେଶର ଜନସାଧାରଣଙ୍କୁ ବ୍ୟଥିତ କରିଛି। ଅନେକ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସାମାଜିକ କର୍ମୀଙ୍କ ଘରକୁ ଘେରାଓ କରି ରଖାଯାଇଛି। ଗଣତନ୍ତ୍ର କଥା କହୁଥିବା କେନ୍ଦ୍ର ସରକାର ଗଣତାନ୍ତ୍ରିକ ଆନ୍ଦୋଳନକୁ ଦମନ କରିବା ପାଇଁ ଚରମ ଫାଶୀବାଦୀ କାଇଦା କାନୁନ୍‌କୁ ଆପଣେଇବା ସହ ଗଣତାନ୍ତ୍ରିକ ଅଧିକାର ଓ ମୂଲ୍ୟବୋଧକୁ ଧ୍ୱଂସ କରିବାକୁ ପଦକ୍ଷେପ ଗ୍ରହଣ କରିଚାଲିଛନ୍ତି। ଏହା ବିରୋଧରେ ଦେଶବ୍ୟାପୀ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଅଲ୍ ଇଣ୍ଡିଆ ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ଓ ସମ୍ପାଦକ କେଦାରନାଥ ସାହୁଙ୍କ ସମେତ ଅନୁଗୋଳ ଜିଲା ସଭାପତି ନିରଞ୍ଜନ ନାୟକ ଓ ସମ୍ପାଦକ କୈଳାସ ସାହୁ ପ୍ରମୁଖ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଆହ୍ୱାନ ଜଣାଇଛନ୍ତି।

# ରଥଯାତ୍ରା ପାଇଁ ଦାୟିତ୍ୱ ବଣ୍ଟନ

ତାଳଚେର, ୨୯।୫ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେରରେ ରଥଯାତ୍ରା ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ରଥଯାତ୍ରା ପାଳନ କମିଟି ଅଧକ୍ଷ ତଥା ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ରଥଯାତ୍ରା କିପରି ସୁଚାରୁ ରୂପେ ପାଳନ କରାଯିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରଥ ନିର୍ମାଣ କାର୍ଯ୍ୟ ପାଇଁ କାଠର ଆବଶ୍ୟକତା ଉପରେ ମୁଖ୍ୟ ମହାରଣା ସନାତନ ମହାରଣା ଓ ଭାଗୀରଥି ମହାରଣାଙ୍କ ପରାମର୍ଶ କ୍ରମେ କାଠର ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ରଥ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସରବରାହ, ପାନୀୟ ଜଳ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗ, ରାସ୍ତା, ଆଲୋକ, ଡ୍ରେନ ଓ ପରିଷ୍କାର ପରିଚ୍ଛନ୍ନ ପାଇଁ ତାଳଚେର ପୌର ପରିଷଦକୁ ଦାୟିତ୍ୱ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ରଥ ଚତୁଃପାର୍ଶ୍ୱରେ କର୍ଡନ ବ୍ୟବସ୍ଥା କରାଯିବ। ନଗରପାଳ ପବିତ୍ର ଭୂତିଆଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗୀୟ ଅଧିକାରୀ କ୍ଷେତ୍ର ଅନୁଧ୍ୟାନ କରି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରଥଯାତ୍ରା ସମୟରେ ମଦ୍ୟପମାନଙ୍କୁ ସାବାଡ଼ କରିବା, ଏଣେତେଣେ ଗାଡି ପାର୍କିଂ ନ କରିବା, ମୋଟରଯାନ ଭିତରକୁ ନ ଛାଡିବା ପାଇଁ ତାଳଚେର ସଦର ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ରଥଯାତ୍ରା ପାଇଁ ଆନୁସଙ୍ଗିକ ଅର୍ଥ ବ୍ୟବସ୍ଥା ପାଇଁ ରଥ କମିଟିର ସଭାପତି କିଛି ବଦାନ୍ୟ ଶିଳ୍ପ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରି ଖର୍ଚ୍ଚର ବ୍ୟବସ୍ଥା କରିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ନଗରପାଳ ପବିତ୍ର ଭୂତିଆ, ଉପ ନଗରପାଳ ଶୁଭସ୍ମିତା ପ୍ରଧାନ, ତାଳଚେର ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ତାଳଚେର ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଏମ୍‌ପିଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ବେହେରା, ଦେବୋତ୍ତର ବିଭାଗ ମୁଖ୍ୟ ପଙ୍କଜ ଲୋଚନ ପତି, ତାଳଚେର ସଦର ପୋଲିସ ଇନ୍ସପେକ୍ଟର ଶ୍ରୀନିବାସ ସେଠୀ, ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ବିନା ସର୍ତ୍ତରେ ଖଲାସ ଦାବି

ଅନୁଗୋଳ ଅଫିସ, ୨୯।୫

ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦେଇଥିବା ମହିଳା କୁସ୍ତି ଯୋଦ୍ଧାମାନଙ୍କ ସହ ଆନ୍ଦୋଳନକୁ ସମର୍ଥନ କରୁଥିବା ନେତ୍ରୀ ଓ ନେତାଙ୍କ ଗିରଫଦାରିକୁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍)ର ରାଜ୍ୟ ସମ୍ପାଦକ ରଘୁନାଥ ଦାସ ଦୃଢ଼ ନିନ୍ଦା କରିବା ସହ ସେମାନଙ୍କୁ ବିନା ସର୍ତ୍ତରେ ତୁରନ୍ତ ଖଲାସ କରିବାକୁ ଦାବି କରିଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ଦାସ କହିଛନ୍ତି, ମହିଳା କୁସ୍ତି ଯୋଦ୍ଧାଙ୍କ ଆନ୍ଦୋଳନକୁ ସମର୍ଥନ କରିଆସୁଥିବା ଏଆଇକେକେଏମ୍‌ଏସ୍‌ର ଦିଲ୍ଲୀ ରାଜ୍ୟ ସମ୍ପାଦିକା ରିତୁ କୌଶିକ, ହରିୟାଣା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟିର ବରିଷ୍ଠ ସଭ୍ୟ ରାଜେନ୍ଦ୍ର ସିଂଙ୍କୁ ୨୮ ମଇ ସକାଳୁ ଦିଲ୍ଲୀ ପୋଲିସ ଗିରଫ କରିବା ସହ ଏଆଇକେକେଏମ୍‌ଏସ୍‌ର ହରିୟାଣା ରାଜ୍ୟ ସମ୍ପାଦକ ଜୟ କରଣ ମାଣ୍ଡୋଥିଙ୍କ ଘରକୁ ପୋଲିସ ଘେରାଉ କରିଛି। ତୁରନ୍ତ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଖଲାସ କରିବା ପାଇଁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନର ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନେତା ରଘୁନାଥ ଦାସଙ୍କ ସମେତ ଅନୁଗୋଳ ଜିଲା ସଭାପତି ସୁବାସ ପ୍ରଧାନ, ସମ୍ପାଦକ ରଣଜୀତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ୯୪ ଅଭିଯୋଗର ଶୁଣାଣି


ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଛେଣ୍ଡିପଦା,୨୯।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଅନୁପସ୍ଥିତ ଥିବାବେଳେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତରୁ ଆସିଥିବା ୯୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଯଥାଶୀଘ୍ର ଅଭିଯୋଗଗୁଡ଼ିକର ଫଇସଲା କରାଯିବା ପାଇଁ ଅତିରିକ୍ତ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରେ ପୁରୁଣାଗଡ କେନାଲ ମରାମତି, ଛେଣ୍ଡିପଦା ବ୍ଲକରେ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ସଂଖ୍ୟା ବୃଦ୍ଧି କରିବା, ଭୂମିହୀନଙ୍କୁ ସରକାରୀ ଜମି ଯୋଗାଇବା, ସରକାରୀ ଜମିକୁ ଚଞ୍ଚକତା କରି ଦଖଲ କରାଯାଇଥିବା, କମ୍ପସଲା ୫-ଟି ଉଚ୍ଚ ବିଦ୍ୟାଳୟରେ ରାତ୍ରୀ ଜଗୁଆଳୀ ଓ ଝାଡୁଦାର ନିଯୁକ୍ତି, ପୈତୃକ ସମ୍ପତ୍ତିରୁ ଭାଗ ନ ଦେବା, ଘରକୁ ପାନୀୟ ଜଳ ସଂଯୋଗ କରିବା, କଲଭର୍ଟ ଓ ସଂଯୋଗୀକରଣ ରାସ୍ତା ନିର୍ମାଣ, ଜମି ଓ ଘର ବାବଦରେ ଟଙ୍କା ପାଇବା, ବିଭିନ୍ନ କମ୍ପାନୀର ମନମୁଖୀ କାର୍ଯ୍ୟକୁ ବିରୋଧ, ବାଗଡିଆ ହରିଜନସାହିର ରାସ୍ତା ନିର୍ମାଣ, ଫୁଲଝରି ଗ୍ରାମର ୧୩ ପରିବାରକୁ ପାନୀୟ ଜଳ ଯୋଗାଣ, ଭିନ୍ନକ୍ଷମ ମହିଳାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ, ବାର୍ଦ୍ଧକ୍ୟଭତ୍ତା ପାଇବା, ଦେଶୀ ମଦଭାଟିର ଲୋକମାନଙ୍କୁ ଦୌରାତ୍ମ୍ୟ, ଉଠାଜଳସେଚନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ଲଗାଇ କାର୍ଯ୍ୟ କରିବା ଆଦି ଉପରେ ଅଭିଯୋଗ ହୋଇଥିଲା। ଶିବିରରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତମୋହନ ବେହେରା, ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କ ସମେତ ଜିଲାର ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସ୍କ୍ରାପ୍ ଜବତ, ୩ ଗିରଫ

ଅନୁଗୋଳ ଅଫିସ, ୨୯।୫

ଅନୁଗୋଳ ସଦର ଥାନା ନତଡ଼ା ଅଞ୍ଚଳରେ ଥିବା ହନୁମାନ ମୂର୍ତ୍ତି ନିକଟସ୍ଥ କବାଡ଼ି ଦୋକାନରେ ଚୋରା ସ୍କ୍ରାପ ରଖାଯାଇଥିବା ଅଭିଯୋଗରେ ପୋଲିସ ଚଢ଼ାଉ କରିଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚୋରା ସ୍କ୍ରାପ୍ ରଖିଥିବା କବାଡ଼ି ଦୋକାନୀ ଗୁଜୁରାଟ ସତ୍ୟନଗର ଅଞ୍ଚଳର ସୁବାସ ଜୟସ୍ୱାଲ(୩୨), ଉତ୍ତରପ୍ରଦେଶ ବରାନାସର ବିକାଶ ଓ ଅନୁଗୋଳ ହାତୀଶାଳପଡ଼ାର ମହମ୍ମଦ ନାସିର ଆନସାରୀ(୨୮)। ପୋଲିସ କହିଛି, ସଦର ଥାନା ଏସ୍‌ଆଇ ଆଶିଷ ସ୍ୱାଇଁ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ସ୍କ୍ରାପ୍ ନତଡ଼ା ଅଞ୍ଚଳରେ ଥିବା ସୂଚନା ପାଇଥିଲେ। ଏହାପରେ ସେଠାରେ ଚଢ଼ାଉ କରିବା ସହ ସ୍କ୍ରାପ୍ ସମ୍ପର୍କରେ କାଗଜପତ୍ର ମାଗିଥିଲେ। ସ୍କ୍ରାପ୍ ବ୍ୟବସାୟୀ ଜଣଙ୍କ କୌଣସି କାଗଜପତ୍ର ଦେଖାଇପାରି ନ ଥିବାରୁ ତାଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲେ। ସେ ଚୋରରେ ଆସିଥିବା ସ୍କ୍ରାପ୍‌କୁ ରଖିଥିବା କହିବା ପରେ ପୋଲିସ ତାଙ୍କ ସହ ବିକାଶ ଓ ଆନସାରୀଙ୍କୁ ଗିରଫ କରିଥିଲା।

## ସ୍ତ୍ରୀ ଗିରଫ, ସ୍ୱାମୀ ଫେରାର

ଅନୁଗୋଳ ଅଫିସ, ୨୯।୫

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ରମିମୁଣ୍ଡା ଅଞ୍ଚଳର ଏକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ପଡ଼ୋଶୀ ଦମ୍ପତିଙ୍କ ମଧ୍ୟରୁ ସ୍ତ୍ରୀ ବୁଧେଇ ନାଏକଙ୍କୁ ଗିରଫ କରିଥିବା ବେଳେ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପ୍ରତିମା ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୪୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ କହିଛି, ପ୍ରତିମା ଗତ ୧୮ ତାରିଖ ରାତିରେ ବଳକା ଖାଦ୍ୟ କୁକୁରକୁ ଦେଉଥିଲେ। ଏହି ସମୟରେ ପଡ଼ୋଶୀ ବିଜୟ ନାଏକ ପ୍ରତିମାଙ୍କୁ ଗାଳିଗୁଲଜ କରିଥିଲା। ପ୍ରତିମା ପ୍ରତିବାଦ କରିବାରୁ ବିଜୟ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ପ୍ରତିମାଙ୍କ ସ୍ୱାମୀ ବାଦଲ ଆସି ସ୍ତ୍ରୀଙ୍କୁ ଟାଣି ଆଣିବାରୁ ତାଙ୍କ ମୁଣ୍ଡରେ ଟାଙ୍ଗିଆ ଚୋଟ ଲାଗିଥିଲା। ଏହାପରେ ବିଜୟ ଓ ବୁଧେଇ ମିଶି ବାଦଲଙ୍କୁ ଆକ୍ରମଣ କରିଥିଲେ।

# ଶୈଳଶ୍ରୀକ୍ଷେତ୍ରରୁ ଉଡ଼ିଗଲା ନେତ, ରୁକିଲା ଟ୍ରେନ୍

### ଅନୁଗୋଳରେ କାଳବୈଶାଖୀ ତାଣ୍ଡବ

ଅନୁଗୋଳ ଅଫିସ, ୨୯।୫

ଭୀଷଣ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଅନୁଗୋଳବାସୀ ଅଥୟ ହୋଇପଡ଼ିଥିଲେ। ପାରଦ ୪୦ ଡିଗ୍ରୀ ତଳକୁ ଖସୁ ନ ଥିବାରୁ ଲୋକମାନେ ଆଉଟ ପାଉଟ ହେଉଥିଲେ। ସୋମବାର ସହରର ତାପମାତ୍ରା ୪୧ ଡିଗ୍ରୀ ରହିଥିବାରୁ ଅସହ୍ୟ ତାତିରେ ଲୋକେ ସନ୍ତୁଳି ହେଉଥିବା ବେଳେ ଅପରାହ୍ନରେ ଆସିଥିଲା କାଳବୈଶାଖୀ। ଖୁବ୍ ଜୋର୍‌ରେ ପବନ ସହ ବର୍ଷା ହେବାରୁ ଲୋକେ ତାତିରୁ ସାମାନ୍ୟ ତ୍ରାହି ପାଇଥିଲେ। ଏହି କାଳବୈଶାଖୀ ଯୋଗୁ ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଉପରେ ଥିବା ନେତ ଉଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ତାଳଚେର-ସମ୍ବଲପୁର ରେଳପଥରେ ଏକ ଗଛ ଉପୁଡ଼ି ପଡ଼ିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୋମବାର ସକାଳୁ ଆରମ୍ଭ ହୋଇଥିଲା ଗ୍ରୀଷ୍ମ ପ୍ରବାହ।



ପୂର୍ବାହ୍ନ ୮ଟା ବେଳୁ ଟାଣ ଖରା ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ତାତି ବଢ଼ିବାରୁ ଲୋକେ ଆଉ ବାହାରକୁ ବାହାରି ପାରି ନ ଥିଲେ। କିନ୍ତୁ ଅପରାହ୍ନରେ ବଦଳି ଯାଇଥିଲା ଅନୁଗୋଳର ପାଗ। କାଳବୈଶାଖୀ ଯୋଗୁ ଆକାଶରେ ଚମକିଥିଲା ବିଜୁଳି ଘଡ଼ଘଡ଼ି। ଅଧଘଣ୍ଟା ଧରି ଝଡ଼ ତୋଫାନ ହେବାରୁ ଥଣ୍ଡା ପଡ଼ିଯାଇଥିଲା ସହର। ତେବେ ଏହି ଝଡ଼ ସମୟରେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପତିତପାବନ ବାନା ଉଡ଼ି ଯାଇଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ତୁରନ୍ତ ଗଛ ଗୁଡ଼ିକ କଟାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳର ପିଟିସି କ୍ୱାର୍ଟରେ ଲାଇନ୍, ହଷ୍ଟେଲ ଓ ମେଡିକାଲ ଲାଇନରେ ବଡ଼ ବଡ଼ ଗଛ ଉପୁଡ଼ିପଡ଼ି ଘର ଗୁଡ଼ିକୁ ମାଡ଼ି ବସିଥିଲା। ଦୀର୍ଘ ଦେଢ଼ଘଣ୍ଟା ପରିଶ୍ରମ କରିବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଗଛ କଟା ସରିଥିଲା। ଏହି ଟିମ୍‌ରେ ବିଭାଗ ପକ୍ଷରୁ ସୁକାନ୍ତ କୁମାର ନାଥ, ବିଜୟ ଓଝା, ସମୀର ସେଠୀ, ଚିତ୍ତରଞ୍ଜନ ସାହୁ, ବିଜୟାନନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ। ସେହିଭଳି ଶୈଳଶ୍ରୀକ୍ଷେତ୍ର ବାନା ଉଡ଼ିଯିବା ପରେ ତୁରନ୍ତ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନୂଆ ବାନା ଲଗାଯାଇଥିଲା। ଏହାପରେ ସନ୍ଧ୍ୟା ନୀତି ହୋଇଥିବା ପରିଚାଳନା କମିଟିର ସମ୍ପାଦକ ହେମନ୍ତ ଦାସ କହିଛନ୍ତି।

## ନାଲ୍‌କୋ କଲୋନୀରେ ଯାତାୟାତ ବାଧାପ୍ରାପ୍ତ

ବଅଁରପାଳ, ୨୯।୫ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଅଞ୍ଚଳରେ ସୋମବାର କାଳବୈଶାଖୀ ଯୋଗୁ ବହୁ ଗଛ ଉପୁଡ଼ି ପଡ଼ିଥିବା ବେଳେ ବିଦ୍ୟୁତ୍ ଓ ଟେଲିଫୋନ ସେବା ବ୍ୟାହତ ହୋଇଛି। ଅପରାହ୍ନରେ ପ୍ରବଳ ପବନ ସହ ବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଫଳରେ କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, କନ୍ୟାବେଡ଼ା, କାଣ୍ଡସର ଆଦି ଅଞ୍ଚଳରେ ବହୁ ଗଛ ଉପୁଡ଼ି ପଡ଼ିଥିଲା। ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇଯିବା ସହ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା। ବିଶେଷକରି ନାଲ୍‌କୋ କଲୋନୀ ଅଞ୍ଚଳରେ କାଳବୈଶାଖୀର ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। କଲୋନୀରେ ଥିବା ବହୁ ଗଛ ମଧ୍ୟରୁ ପ୍ରାୟ ୩ ଶହ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଫଳରେ କଲୋନୀକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କେତୋଟି ଘର ଏଥିରେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି।


ନାଲ୍‌କୋ ଅଞ୍ଚଳର ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିଛି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୯ା୫:** ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳର ବିଶିଷ୍ଟ ସାମାଜିକକର୍ମୀ, ଛାତ୍ରନେତା ତଥା ବ୍ୟବସାୟୀ କୁଞ୍ଜବିହାରୀ ତ୍ରିପାଠୀଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତରେ ବିଧାୟକ ସୁଧୀର ସାମଲ, ଶିଳ୍ପପତି ଗଙ୍ଗାଧର ସାମଲ, ପୂର୍ବତନ ପୌରାଧ୍ୟକ୍ଷ ଇନ୍ଦ୍ରମଣି ବେହେରା, କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି। ୧୯୭୬ରେ ଅନୁଗୋଳ କଲେଜର ଜଣେ ଜନପ୍ରିୟ ଛାତ୍ରନେତା ଭାବେ କୁଞ୍ଜବିହାରୀ ବେଶ୍ ପରିଚିତ ଥିଲେ। ସେ ଜମିହରା ପ୍ରଜାଙ୍କ ନ୍ୟାୟ ପାଇଁ ଲଢ଼େଇ କରୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ଭାଇ ବନବିହାରୀ ତ୍ରିପାଠୀ, ପୁଅ ସୋନୁ ତ୍ରିପାଠୀ, ପୁତୁରା ଚିନୁ ତ୍ରିପାଠୀ, ବାଲ୍ୟବନ୍ଧୁ ନରେନ୍ଦ୍ର ସାହୁ, ବିନୋଦ ସାହୁ, ଅଖିଳ ମହାପାତ୍ର, ରଞ୍ଜନ ସାହୁ, ରବିନାରାୟଣ ସାହୁ, ବିଜୟ ଧଳ, ଗୌରାଙ୍ଗ ରାଉତ, ନାରାୟଣ ରାଉତ, ବଟକୃଷ୍ଣ ସାମଲଙ୍କ ଉପସ୍ଥିତିରେ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଜନ୍ମମାଟି ତଳମୂଳ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।


କୁଞ୍ଜବିହାରୀ ତ୍ରିପାଠୀ।



୫-ଟି ସଚିବ ବିଶ୍ୱକଲ୍ୟାଣ କାମନା କରି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି (ବାମ)। ସଭାସ୍ଥଳରେ ଉପସ୍ଥିତ ମହିମା ସାଧୁସନ୍ଥ, ଅନୁଗାମୀଙ୍କ ସମେତ ଜନସାଧାରଣ।

# 'ମହିମାପୀଠରେ ସବୁ ଆବଶ୍ୟକତା ପୂରଣ କରାଯିବ'

**ଢେଙ୍କାନାଳ ଅଫିସ, ୨୯ା୫**

- ଯୋରନ୍ଦା ବିକାଶର ସମୀକ୍ଷା କଲେ '୫-ଟି' ସଚିବ
- ସନ୍ନ୍ୟାସୀଙ୍କ ପ୍ରସ୍ତାବ ଶୁଣିଲେ, ପ୍ରସାଦସେବନ କଲେ
- କାଲୁରିଆ ବ୍ରାହ୍ମଣୀ ବ୍ରିଜ୍ ମହିମା ସେତୁ ନାମରେ ନାମିତ

ମହିମା ଧର୍ମ ଓଡ଼ିଶାରୁ ସୃଷ୍ଟି ହୋଇଛି। ସରଳ ଜୀବନଯାପନ, ସମାନତା, ବିଶ୍ୱ କଲ୍ୟାଣ, ନିଷ୍ଠାର ସହ ସେବା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ବ୍ୟତୀତ ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ରେ ମଧ୍ୟ ଏହି ଧର୍ମ ଲୋକପ୍ରିୟ। ରାଜ୍ୟ ଓ ରାଜ୍ୟ ବାହାରେ ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସହଯୋଗ କରିବେ ବୋଲି କହିଛନ୍ତି। ମହିମା ଧର୍ମର ବିକାଶ ଓ ଆବଶ୍ୟକତା ପାଇଁ ଯାହା ପ୍ରସ୍ତାବ ଦିଆଯିବ, ସେସବୁକୁ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଏଠାକୁ ପଠାଇଛନ୍ତି ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍। ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦା ଗାଦିମନ୍ଦିର ନିକଟରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ସଚିବ ଏହା କହିଛନ୍ତି।

ମହିମାଧର୍ମର ମହିମା ବଖାଣି ୫-ଟି ସଚିବ କହିଲେ, ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସୁଥିବା ମହିମା ସାଧୁସନ୍ଥମାନେ ତାଙ୍କୁ ତାଳପତ୍ର ପଙ୍ଖା ପ୍ରଦାନ କରିଥାଆନ୍ତି। ସନ୍ଥକବି ଭୀମ ଭୋଇଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଯଥେଷ୍ଟ ସମ୍ମାନ ରହିଛି। ଭିନ୍ନକ୍ଷମଙ୍କ ପାଇଁ ଅନୁଷ୍ଠିତ ଶିବିରକୁ ସେ ଭୀମ ଭୋଇ ସାମର୍ଥ୍ୟ ଶିବିର ବୋଲି ନାମକରଣ କରାଯାଇଛି। ବଲାଙ୍ଗୀର ମେଡିକାଲ କଲେଜକୁ ସନ୍ଥକବି ଭୀମ ଭୋଇଙ୍କ ନାମରେ ନାମିତ କରାଯାଇଛି। ଢେଙ୍କାନାଳ ଜିଲାର କାଲୁରିଆ-ଦିଘି ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ନବନିର୍ମିତ ସେତୁକୁ 'ମହିମା ସେତୁ' ଭାବେ ନାମିତ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ୫-ଟି ସଚିବ ଅଲେଖ ମହିମା ସ୍ୱାମୀଙ୍କ ନିକଟରେ ଜଗତମଙ୍ଗଳ କାମନା କରିବା ସହ ସାଧୁସନ୍ଥଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

ମଧ୍ୟାହ୍ନ ୧୨ଟାରେ ୫-ଟି ସଚିବ ଏକ ହେଲିକପ୍ଟରରେ ଆସି ଯୋରନ୍ଦା ହାଇସ୍କୁଲରେ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ରୂପାରୋଶନ ସାହୁ, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ମଧ୍ୟ ଆସିଥିଲେ। ପ୍ରଶାସନ ପକ୍ଷରୁ ଜିଲାପାଳ ସରୋଜ ସେଠୀ ତାଙ୍କୁ ସ୍ୱାଗତ କରିଥିଲେ। ସଭା ପରେ ୫-ଟି ସଚିବ ଗାଦିମନ୍ଦିର, ଶୂନ୍ୟମନ୍ଦିର, ଅଖଣ୍ଡବଟି ମନ୍ଦିର, ଜ୍ୟୋତିମନ୍ଦିର, ବଲ୍କଲଧାରୀ, କୌପୀନଧାରୀ ମହିମା ସମାଜର ଆଶ୍ରମ, ଭଜନ ମଣ୍ଡପ, ନବାହ୍ନ ମଣ୍ଡପ ବୁଲି ଦେଖିଥିଲେ। ପୀଠରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ୧୦ କୋଟି ଟଙ୍କାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମହିମା ସାଧୁମାନେ ଲିଖିତ ଭାବେ ସମସ୍ୟା ଉପସ୍ଥାପନ କରିଥିଲେ। ପରେ ବଲ୍କଲଧାରୀ ମହିମା ସମାଜ ଆସ୍ଥାନ ପରିସରରେ ଉଭୟ ଗୋଷ୍ଠୀର ସାଧୁସନ୍ଥଙ୍କ ସହ ପ୍ରସାଦ ସେବନ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଲ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, କୋରାପୁଟରୁ ଆସିଥିବା ସଂଯୋଜକ ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ରୂପାରୋଶନ ସାହୁ, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା, ଜିଲାପାଳ ସରୋଜ ସେଠୀଙ୍କ ସମେତ ଅନ୍ୟମାନେ।

ବଲ୍କଲଧାରୀ ମହିମା ସମାଜ ପକ୍ଷରୁ ନିତ୍ୟାନନ୍ଦ ବାବା, କୌପୀନଧାରୀ ମହିମା ସମାଜ ପକ୍ଷରୁ ଶ୍ରୀମଦ୍ ରଘୁନାଥ ବାବା, ଅବିନାଶୀ ବାବାଙ୍କ ସମେତ ଶତାଧିକ ସାଧୁସନ୍ଥ ଉପସ୍ଥିତ ଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ନେତୃତ୍ୱ ଏବଂ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

## କାଜୁ ବଗିଚାରେ ଦଳିଦେଲା ଦନ୍ତା

**ଢେଙ୍କାନାଳ ଅଫିସ, ୨୯ା୫**

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ଦୀନବନ୍ଧୁପୁର ଗ୍ରାମର ବିକଳ ସାହୁ (୫୬)ଙ୍କ ସୋମବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନ ୯ଟାରେ କାଜୁ ବଗିଚାକୁ ଯାଇଥିବା ବେଳେ ସେଠାରେ ଥିବା ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ସୂଚନା ପାଇ ବନ କର୍ମଚାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମାସକ ମଧ୍ୟରେ ଢେଙ୍କାନାଳ ଜିଲାରେ ଦନ୍ତା ଆକ୍ରମଣରେ ୭ଜଣଙ୍କ ଜୀବନ ଗଲାଣି। ହାତୀ-ମଣିଷ ସଂଘର୍ଷ ରୋକିବାରେ ବନ ବିଭାଗ ବିଫଳ ହେଉଥିବାବେଳେ ଏହାକୁ ନେଇ ଉପଦ୍ରୁତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ଭାଜପା

**ଢେଙ୍କାନାଳ ଅଫିସ, ୨୯ା୫**

୫-ଟି ସଚିବଙ୍କ ଯୋରନ୍ଦା ଗସ୍ତକୁ ନେଇ ପୁଣିଥରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଢେଙ୍କାନାଳ ଭାଜପା। ସୋମବାର ସନ୍ଧ୍ୟା ୬ଟାରେ ଦଳୀୟ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ରାଜ୍ୟ ସରକାର ମହିମାଗାଦିର ବିକାଶ ୨୩ ବର୍ଷରେ କରିପାରିଲେ ନାହିଁ। ଏବେ ୮ ମାସରେ ସବୁ କରିଦେବେ ବୋଲି ପ୍ରତିଶ୍ରୁତି ଦେଇ ଯେଉଁ ରାଜନୀତି ଆରମ୍ଭ କରିଛନ୍ତି, ତାହା ସଫଳ ହେବନାହିଁ। କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ବା ବିଭାଗୀୟ ସଚିବଙ୍କ ଦେଖାମିଳି ନ ଥିଲା। ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ସଚିବଙ୍କୁ ଯେଉଁଭଳି ଅତିଥି ଚର୍ଚ୍ଚା କରାଯାଇଛି, ତାହା ଢେଙ୍କାନାଳ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ପୂର୍ବତନ ବିଧାୟକ ପାତ୍ର କହିଛନ୍ତି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

## ୧୦୩ ୟୁନିଟ୍ ରକ୍ତ ସଂଗ୍ରହ


ଏସ୍‌ପି ଏବଂ ଅନ୍ୟ ଅତିଥିମାନେ ଜଣେ ରକ୍ତଦାତାଙ୍କୁ ଉତ୍ସାହିତ କରାଉଛନ୍ତି।

**ଢେଙ୍କାନାଳ ଅଫିସ, ୨୯ା୫**

ଢେଙ୍କାନାଳ ଜିଲା ରକ୍ତଭଣ୍ଡାରରେ ରକ୍ତ ଅଭାବ ପୂରଣ କରିବା ପାଇଁ ସୋମବାର ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ପକ୍ଷରୁ ସୋମବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହୋଟେଲ୍ ଆର୍.କେ. ରେଜେନ୍ସି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରକୁ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ରକ୍ତର ବିକଳ୍ପ ନାହିଁ। ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କରି ଅନ୍ୟଜଣଙ୍କ ଜୀବନ ବଞ୍ଚାଇ ପାରିବେ ବୋଲି ସେ କହିଥିଲେ। ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ରକ୍ତଦାତା ଓ ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଇନରହ୍ୱିଲ କ୍ଲବ, ଢେଙ୍କାନାଳ ମାରୱାଡି ମଞ୍ଚ, ରାଇଜିଂ ଷ୍ଟାର କ୍ଲବ, ଇନରହ୍ୱିଲ କ୍ଲବ କପିଳାସ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କର୍ମଚାରୀ, ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ 'ସ୍ମୃତି ସ୍ମାରକ' ପ୍ରଦାନ କରାଯାଇଥିଲା। ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ଉପସଭାପତି ରାଜକିଶୋର ବେହେରାଙ୍କ ସମେତ ସଦସ୍ୟ ବିମଳ ପୋଦ୍ଦାର, ଗୋବିନ୍ଦ ସେନାପତି, ସୁରେଶ ବର୍ମା, ମହେଶ ପ୍ରସାଦ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା, ନିରଦାନନ୍ଦ ନନ୍ଦ, ଲୋକନାଥ ମହାପାତ୍ର, କୃଷ୍ଣ ଚନ୍ଦ୍ର ଦେବତା, ପ୍ରଣବାନନ୍ଦ ଦାସ, ଦୁଷ୍ମନ୍ତ ରାଉତ, ମହମ୍ମଦ ସମୀର, ପ୍ରମୋଦ ମହାପାତ୍ର, ସଂଗ୍ରାମ ବିଶ୍ୱାଳ, ପିଙ୍କୁ ଅଗ୍ରୱାଲ, ଫିରୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଭୀମସେନ ବେହେରା, ବରୁଣ, ଅଜୟ ପ୍ରମୁଖ ରକ୍ତସଂଗ୍ରହ ଓ ବର୍ଗୀକରଣ କରିଥିଲେ।

## ୭ ସୁନା ଟିକିଲି ଚୋରି

**କାମାକ୍ଷାନଗର, ୨୯ା୫(ଡି.ଏନ୍.ଏ.)**

**ଶ୍ରୀରାମ ମନ୍ଦିରରେ ଦୁର୍ବୃତ୍ତ ବୁଲାଇଲେ କଳାକନା**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମାଳପୁରାସ୍ଥିତ ଶ୍ରୀରାମ ମନ୍ଦିରରୁ ପୁଣିଥରେ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ମନ୍ଦିର ତାଲା ଭାଙ୍ଗି ପାର୍ଶ୍ୱଦେବୀଙ୍କ ୭ଟି ସୁନା ଟିକିଲି ନେଇଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସୋମବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ମନ୍ଦିରର ନିତ୍ୟ ପୂଜକ ସୋମବାର ସକାଳେ ଠାକୁରଙ୍କ ନୀତିକାନ୍ତି କରିବା ପାଇଁ ଆସିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଦୁର୍ବୃତ୍ତମାନେ କୌଶଳକ୍ରମେ ମୁଖ୍ୟ ମନ୍ଦିର କବାଟ ଭାଙ୍ଗି ଦେଇଥିବାବେଳେ ଭିତରକୁ ପଶିପାରି ନ ଥିଲେ। ସେମାନେ ପାର୍ଶ୍ୱଦେବୀ ମା' ସନ୍ତୋଷୀଙ୍କ ୫ଟି ଏବଂ ମା' ମଙ୍ଗଳାଙ୍କ ୨ଟି ସୁନା ଟିକିଲି ନେଇ ଚମ୍ପଟ ମାରିଛନ୍ତି। ଏଥିସହ ଭୋଗ ପାଇଁ ଉଦ୍ଦିଷ୍ଟ କେତେକ ପିତଳ ବାସନ ମଧ୍ୟ ନେଇଯାଇଛନ୍ତି। ମାଳପୁରାସ୍ଥିତ ଶ୍ରୀରାମ ମନ୍ଦିରରୁ ଚୋରି ନୂଆ ଘଟଣା ନୁହେଁ। ଏଥିପୂର୍ବରୁ ଦୁର୍ବୃତ୍ତମାନେ ୨ଥର ଶ୍ରୀଜୀଉଙ୍କ ସୁନା ଅଳଙ୍କାର ଲୁଟି ନେଇଥିଲେ। ତେବେ ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ କିମ୍ବା ମୂଲ୍ୟବାନ ଅଳଙ୍କାର ଜବତ କରିପାରିନାହିଁ। ମନ୍ଦିରରୁ ବାରମ୍ବାର ଚୋରି ହେଉଥିବାବେଳେ ଏଥିରେ ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ ହାତଥିବା ସନ୍ଦେହ କରାଯାଉଛି। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ଦିର କମିଟି ପକ୍ଷରୁ ଦାବି କରାଯାଇଛି।


ଆଳତୁମାସ୍ଥିତ ଶ୍ରୀରାମ ମନ୍ଦିର।

## ଭୋଳେଶ୍ୱରଙ୍କ ପୀଠରେ ରୁଦ୍ରାଭିଷେକ

**ଢେଙ୍କାନାଳ ଅଫିସ, ୨୯ା୫**

ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଢେଙ୍କାନାଳ ସଦର ବ୍ଲକ ଭୋଜଦେଇପୁର ଗ୍ରାମସ୍ଥିତ ଶ୍ରୀଭୋଳେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଠାକୁରଙ୍କ ମହାସ୍ନାନ, ବାଲଧୂପ, ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବଦେବୀ ପୂଜା, ମନ୍ଦିର ପ୍ରବେଶ ସହ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଜଗତ୍‌ସିଂହପୁରର ବିଜୟ ବାରିକ ସାଥୀ କଳାକାରଙ୍କ ସହ ଭଜନ ପରିବେଷଣ କରିଥିଲେ। ନଗର ପରିକ୍ରମା କରି ମହାଦେବ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଦେବଦମ୍ପତିଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହାପରେ ଦେବଦମ୍ପତି ସୁସଜ୍ଜିତ ବିମାନରେ ଗ୍ରାମ ବୁଲିଥିଲେ। ପାରମ୍ପରିକ ବାଦ୍ୟ, ଲଉଡ଼ିଖେଳ, ଆତସବାଜି ଶୋଭାଯାତ୍ରାରେ ପ୍ରମୁଖ ଆକର୍ଷଣ ସାଜିଥିଲା। ଶୀତଳଷଷ୍ଠୀ ଉପଲକ୍ଷେ ସ୍ଥାନୀୟ କଳାକାରଙ୍କୁ ନେଇ ଅପେରା ମଞ୍ଚସ୍ଥ ହୋଇଥିଲା। ଅନୁଗୋଳରୁ ଆସିଥିବା କଳାକାର ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀଭୋଳେଶ୍ୱର ଜୀଉ ଟ୍ରଷ୍ଟ ଏବଂ 'ଗାଁ ପାଇଁ ଦିନଟିଏ ଅଭିଯାନ'ର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।


ଶୀତଳଷଷ୍ଠୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ସ୍ୱଚ୍ଛତା ଶପଥ ନେଲେ ୨୦୦ ମହିଳା, ଯୁବତୀ

**ଢେଙ୍କାନାଳ ଅଫିସ, ୨୯ା୫**

ଢେଙ୍କାନାଳ ଜିଲା ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ପକ୍ଷରୁ ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ନିକଟ କାଶିଆଡ଼ିହ ଓ ବଳରାମପୁର ପଞ୍ଚାୟତରେ ରବିବାର ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଋତୁସ୍ରାବ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ଏହି ଶାରୀରିକ ପ୍ରକ୍ରିୟାକୁ ନେଇ ଗ୍ରାମୀଣ ଅଞ୍ଚଳର ଯୁବତୀ ଓ ମହିଳାଙ୍କ ମନରେ ଥିବା ଅନ୍ଧବିଶ୍ୱାସ ଦୂର କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ୨୦୦ରୁ ଊର୍ଦ୍ଧ୍ୱ ମହିଳା, ଯୁବତୀ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଶପଥ ନେଇଥିଲେ। 'ରିସ୍ତା'ର ସଦସ୍ୟମାନେ ଋତୁସ୍ରାବକୁ ନେଇ ମହିଳାଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ। ଏଥିସହ ସାନିଟାରି ନାପ୍‌କିନ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ୟୁଏନ୍‌ଏଫ୍‌ପିଏର ଯୌନ ଓ ପ୍ରଜନନ ବିଶେଷଜ୍ଞ ଡା. ଚୟନିକା ମିଶ୍ର ଅତିଥି ଭାବେ ଯୋଗଦେଇ ଋତୁସ୍ରାବ ସମୟରେ ଅପରିଷ୍କାର ଅଭ୍ୟାସ ଆପଣାଇବାର କୁପରିଣାମ ସମ୍ପର୍କରେ ମହିଳାଙ୍କୁ ଅବଗତ କରାଇଥିଲେ। କାଶିଆଡ଼ିହି ସରପଞ୍ଚ ମିନତି ରାଉତ, ଏଏଚ୍‌ଏଫ୍ ଝରଣା ବେହେରା, ଡା. ଗାୟତ୍ରୀ ବଳ, କବିତା ଧଳ, ସୁବାସ ବେହେରା, ବିନିତା ଟପ୍ପୋ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍ କର୍ମୀମାନେ ଉପସ୍ଥିତ ଥିଲେ।



ଋତୁସ୍ରାବ ସ୍ୱଚ୍ଛତା ସମ୍ପର୍କିତ ସଚେତନତା।

